## ସାହିଭାଇର ସଂକଳ୍ପ ସପ୍ତାହ ପାଳନ

**ପୁରୀ ଅଫିସ:** ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀଠାରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜୟନ୍ତୀ ଅକ୍ଟୋବର ୯ ପର୍ଯ୍ୟନ୍ତ ସାହିଭାଇ ଅନୁଷ୍ଠାନ ପକ୍ଷରୁ ସଂକଳ୍ପ ସପ୍ତାହ ପାଳନ କରାଯାଉଛି । ପ୍ରଥମ ଦିନରେ ସାହିଭାଇ କାର୍ଯ୍ୟାଳୟ ନିକଟରେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲାବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ସହ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ସଂସ୍କୃତି ବିଭାଗ ପ୍ରମୁଖ ଦୀପକ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ସଂକ୍ଷେପରେ**

## ବାନେରଠାରେ ୩ ଶକ୍ତି ପ୍ରକଳ୍ପ ଲୋକାର୍ପିତ

**ଭୁବନେଶ୍ୱର,୨।୧୦(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ କଳାହାଣ୍ଡି ଜିଲା ଜୟପାଟଣା ଅଞ୍ଚଳର ବାନେରଠାରେ ୨୨୦/୧୩୨/୩୩ କେ.ଭି. ଗ୍ରୀଡ୍ ଷ୍ଟେଶନକୁ ଉଦ୍‌ଘାଟନ କରିଛନ୍ତି । ଏଥିସହିତ ଗ୍ରୀଡ୍‌ରୁ ବାହାରୁଥିବା ଦୁଇଟି ୩୩ କେ.ଭି. ଫିଡର ଲାଇନକୁ ମଧ୍ୟ ଲୋକାର୍ପିତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ୩ଟି ଶକ୍ତି ପ୍ରକଳ୍ପ ଦ୍ୱାରା କଳାହାଣ୍ଡି ଜିଲାର ଜୟପାଟଣା, କୋକସରା ଓ କଲମପୁର ଅଞ୍ଚଳର ୩୦ ହଜାର ଲୋକ ଉପକୃତ ହେବେ। ଲୋକଙ୍କୁ ଉନ୍ନତମାନର ବିଶ୍ୱସନୀୟ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ମିଳିବ। ପାୱାର କଟ୍ ଦୂର ହେବା ସହିତ ଚାଷୀ, ମହିଳା ଓ ଛାତ୍ରୀଛାତ୍ର ଉପକୃତ ହେବେ। ଆଗାମୀ ଦିନରେ ଜିଲାର ଅନ୍ୟ ଅଞ୍ଚଳକୁ ବିଦ୍ୟୁତ୍ ସେବା ସମ୍ପ୍ରସାରଣ କରାଯିବ ବୋଲି ସେ କହିଥିଲେ।

## ବାଇକ ଚୋରି କରି ଜେଲ ଗଲେ ଅଭିଯୁକ୍ତ

**ଭୁବନେଶ୍ୱର,୨।୧୦(ବ୍ୟୁରୋ):** ଏକ ବାଇକ୍ ଚୋରିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରିବା ସହ ସହଯୋଗୀଙ୍କୁ ଧରିବା ନେଇ ଉଦ୍ୟମ ଚଳାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଶିଖରଚଣ୍ଡୀରେ ରହୁଥିବା ଏନ୍ ପ୍ରତାପ। ସୂଚନା ମୁତାବକ, ଏହି ଥାନା ଅଞ୍ଚଳରେ ରହୁଥିବା ବିଜୟ କୁମାର ନାୟକ ଗତ ୩୦ତାରିଖ ସନ୍ଧ୍ୟାରେ କାନନ ବିହାର ଫେଜ୍୨ ଅଞ୍ଚଳରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଘର ବାହାରେ ବାଇକ ରହିଥିବାବେଳେ ପ୍ରତାପ ଓ ସହଯୋଗୀ ତାଙ୍କ ବାଇକ ଚୋରି କରୁଥିବା ଦେଖି ବିଜୟ ବାଲକୋନୀରୁ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ପ୍ରତାପଙ୍କୁ କାବୁ କରିନେଇଥିବାବେଳେ ସହଯୋଗୀ ଜଣକ ବାଇକ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ନଂ.୧୩୨/୨୦ରେ ମାମଲା ରୁଜୁ କରିବା ସହ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨।୧୦(ବ୍ୟୁରୋ):** ଟଙ୍କା କାରବାରକୁ ନେଇ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୁଣା ଭୁବନେଶ୍ୱର ବଶିଷ୍ଠ ନଗର ଅଞ୍ଚଳରେ ରହୁଥିବା ସୁକାନ୍ତ ରଥ। ସୂଚନା ମୁତାବକ, ଏହି ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କଠାରୁ ସୁକାନ୍ତ ଦୋକାନ କରିବା ନିମନ୍ତେ ୨୦୧୭ରେ ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ମହିଳାଙ୍କୁ ତାଙ୍କ ଟଙ୍କା ଫେରାଇ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗତ ୨୮ ତାରିଖରେ ମଧ ପାଟିତୁଣ୍ଡ ହୋଇଥିଲା। ଉକ୍ତ ମହିଳା ଜଣଙ୍କ ସ୍କୁଟିରେ ଘରକୁ ଫେରିବା ବେଳେ ଅଭିଯୁକ୍ତ ତାଙ୍କୁ ପିଛା କରି ପଛରୁ ବାଇକ୍‌ରେ ଧକ୍କା ଦେଇଥିଲା। ଏଥିସହ ମହିଳାଙ୍କୁ ସେଠାରେ ଟଣାଓଟଣା କରିଥିଲେ। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୩୩୬/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ବନ୍ୟପ୍ରାଣୀ ସପ୍ତାହରେ ମୁହାଣ ସଫେଇ

**ପୁରୀ ଅଫିସ,୨।୧୦:** ୬୬ତମ ବନ୍ୟପ୍ରାଣୀ ସପ୍ତାହ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଜଙ୍ଗଲ ଲୋର ଫାଉଣ୍ଡେଶନ ପକ୍ଷରୁ ବେଳାଭୂମି ଓ ନୂଆନଈ ମୁହାଣ ସଫେଇ କରାଯାଇଛି। ଏଥିରେ ପ୍ରାୟ ୩୫ଜଣ ସ୍ୱେଚ୍ଛାସେବୀ, ବନ କର୍ମଚାରୀ, ସ୍ଥାନୀୟ ଲୋକେ, ଶିକ୍ଷାନୁଷ୍ଠାନ ସଦସ୍ୟ ସାମିଲ ଥିଲେ। ବନ୍ୟା ପରେ ବିଭିନ୍ନ ପ୍ରକାର ଆବର୍ଜନା ନଦୀ ମୁହାଣଗୁଡ଼ିକରେ ଜମି ରହିଛି। ଏହା ସାମୁଦ୍ରିକ ବନ୍ୟପ୍ରାଣୀଙ୍କ ଜୀବନଶୈଳୀ ଉପରେ ପ୍ରଭାବ ପକାଇବା ଆଶଙ୍କା ରହିଛି। ତେଣୁ ଏହାକୁ ନଜରରେ ରଖି ଫାଉଣ୍ଡେଶନ ପକ୍ଷରୁ ମୁହାଣ ସଫେଇ କରାଯାଇଛି। ସଫେଇରେ ପଲିଥିନ୍, ଚା କପ୍, ଗୁଟୁଖା ଜରି, ଜାଲ, ଦଉଡ଼ି, ସିଗାରେଟ୍ ଖୋଳ, କାଚ ବୋତଲ, କାଠଗଣ୍ଡି ଆଦି ସଫା କରାଯାଇଥିଲା। ବେଳାଭୂମିକୁ ସଫା କରିବା ଲାଗି ସଚେତନ ମଧ୍ୟ କରାଯିବ। ପ୍ରତି ସପ୍ତାହନ୍ତରେ ବିଭିନ୍ନ ବେଳାଭୂମି ଏବଂ ମୁହାଣ ସଫେଇ କରାଯିବ ବୋଲି ଅନୁଷ୍ଠାନର ଆକାଶ ରଥ ସୂଚନା ଦେଇଛନ୍ତି।

# ଜରିମାନାରେ ଜାଲିଆତି

**କଟକ ଅଫିସ,୨।୧୦**

### ରସିଦରେ ୨୦୦, ସରକାରୀ ଖାତାରେ ୧୦୦

ଜରିମାନା ଆଦାୟରେ ଜାଲିଆତି ହେଉଛି। ପୋଲିସ ଯେତିକି ଟଙ୍କାର ଚାଲାଣ କାଟୁଛି, ସରକାରଙ୍କ ନିକଟରେ ଏହାଠୁ କମ୍ ରାଶି ଦର୍ଶାଯାଉଛି। ଏଭଳି ଏକ ଘଟଣା ଚାଉଳିଆଗଞ୍ଜ ଥାନା ଅଧୀନରେ ହୋଇଥିବା ଅଭିଯୋଗ ହୋଇଛି। ଗତ ଜୁଲାଇ ୨୦ ତାରିଖରେ ଜଣେ ବ୍ୟକ୍ତି କରୋନା କଟକଣା ନ ମାନି ୨୦୦ ଟଙ୍କାର ତଣ୍ଡ ଗଣିଥିଲେ। ତାଙ୍କୁ ଦିଆଯାଇଥିବା ଚାଲାଣରେ ମଧ୍ୟ ୨୦୦ ଟଙ୍କା ଦର୍ଶାଯାଇଥିଲା। ପରେ ଏ ନେଇ ସେ ସୂଚନା ଅଧିକାର ଆଇନ ବଳରେ ରିପୋର୍ଟ ମାଗିଥିଲେ। ତେବେ ଆଶ୍ଚର୍ଯ୍ୟର କଥା, ତାଙ୍କଠାରୁ ୧୦୦ ଟଙ୍କା ଜରିମାନା ନିଆଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ରିପୋର୍ଟ ଦିଆଯାଇଛି। ଏଥିରୁ ଜରିମାନା ଆଦାୟରେ ପୋଲିସର ଅନିୟମିତତା କାରସାଦି ପଦାକୁ ଆସିଛି।

ଚାଲାଣ କାଟିବାରେ ଅନିୟମିତତା ଅଭିଯୋଗ ଆଣିଛନ୍ତି ଅନୁଗୋଳର ସୁଜିତ କୁମାର ସାହୁ (୩୦)। ସେ କଟକ ନୂଆବଜାର ଅଞ୍ଚଳରେ ଘରଭଡ଼ା ନେଇ ରୁହନ୍ତି। କରୋନା ଯୋଗୁ ଗତ ଜୁଲାଇ ମାସରେ ସାଧାରଣ ଯାତାୟାତ ଉପରେ କଟକଣା ଥିଲା। ଜରୁରିକାଳୀନ ସ୍ଥିତିରେ ଯେଉଁମାନେ ଯିବା ପାଇଁ ଚାହିଁବେ ସେମାନେ ପୋଲିସଠାରୁ ଅନୁମତି ନେବାକୁ ନିର୍ଦ୍ଦେଶ ରହିଥିଲା। ଗତ ୨୦ ତାରିଖରେ ସୁଜିତ ବ୍ୟକ୍ତିଗତ କାର୍ଯ୍ୟରେ କଲେଜ ଛକକୁ ଆସୁଥିଲେ। ନୂଆବଜାର ଓଭରବ୍ରିଜ ନିକଟରେ ପୋଲିସ ତାଙ୍କୁ ଅଟକାଇ ପଚରାଉଚରା କରିଥିଲା। ପରେ କରୋନା କଟକଣା ଉଲ୍ଲଂଘନ ଅଭିଯୋଗରେ ୫୦୦ ଟଙ୍କା ଜରିମାନା ଦେବାକୁ ସେଠାରେ ଉପସ୍ଥିତ ଥିବା ଜଣେ ସବ୍‌ଇନ୍ସପେକ୍ଟର କହିଥିଲେ। ତେବେ ତାଙ୍କ ପାଖରେ ୨୦୦ ଟଙ୍କା ଅଛି ବୋଲି ସୁଜିତ କହିଥିଲେ। ତୁମେ ୨୦୦ ଟଙ୍କା ଦିଅ, ଆଉ ୩୦୦ ଟଙ୍କା ଆମେ ଅନ୍ୟ କାହାଠାରୁ ଆଣି ଆଡଜଷ୍ଟ କରିଦେବୁ ବୋଲି ପୋଲିସ କହିବା ସହିତ ୨୦୦ ଟଙ୍କାର ଏକ ରସିଦ (ନଂ-୨୭୩୫୩୦୬) ଦେଇଥିଲେ। ଏହାକୁ ନେଇ ସୁଜିତଙ୍କର ସନ୍ଦେହ ସୃଷ୍ଟି ହୋଇଥିଲା। ଏହା ପରଦିନ ସେ ଚାଉଳିଆଗଞ୍ଜ ଥାନାରେ ଆର୍‌ଟିଆଇ ଜରିଆରେ ଏକ ରିପୋର୍ଟ ମାଗିଥିଲେ। ୨୦ ତାରିଖରେ କେତେ ଜଣ କେତେ ଟଙ୍କା ଲେଖାଏ ଜରିମାନା ଦେଇଛନ୍ତି ବୋଲି ସେ ଏଥିରେ ପ୍ରଶ୍ନ କରିଥିଲେ। ପରେ ଅଗଷ୍ଟ ୨୭ରେ ମଧ୍ୟ ପୁନର୍ବାର ଆଉ ଥରେ ରିପୋର୍ଟ ମାଗିଥିଲେ। ହେଲେ ସମସ୍ତ ତଥ୍ୟ କମିଶନରେଟ ଅଫିସରେ ମିଳିବ ବୋଲି ଥାନା ପକ୍ଷରୁ କୁହାଯାଇଥିଲା। ପରେ ସେ ପୋଲିସ କମିଶନରେଟ ଅଫିସକୁ ଏକ ଚିଠି ପଠାଇଥିଲେ। ଶୁକ୍ରବାର କମିଶନରେଟଙ୍କ ଅଫିସରୁ ଉତ୍ତର ଦିଆଯାଇଛି। ତାଙ୍କଠାରୁ ସେହିଦିନ ୧୦୦ ଟଙ୍କା ଜରିମାନା ନିଆଯାଇଥିବା ଏଥିରେ ଉଲ୍ଲେଖ ରହିଛି। ତେବେ ପୋଲିସ ଅବଶିଷ୍ଟ ୧୦୦ ଟଙ୍କା ହଡ଼ପ କରିଥିବା ଏଥିରୁ ସ୍ପଷ୍ଟ ହେଉଛି। ରସିଦ ନମ୍ବର, ତାରିଖ ଓ ଦସ୍ତଖତ ସମାନ ଥାଇ ସୁଦ୍ଧା ପୋଲିସ ଅଧିକାରୀ ସରକାରଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ସୁଜିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚାଉଳିଆଗଞ୍ଜ ଥାନା ଅଧିକାରୀ ତାପସ ପ୍ରଧାନଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି।




### ସନ୍ଦେହରେ ସରକାରୀ ରସିଦ୍

ରସିଦ ନମ୍ବର ସମାନ। ଫର୍ମ ସଂଖ୍ୟା ମଧ ମେଳ ଖାଉଛି। ହେଲେ ଚାଉଳିଆଗଞ୍ଜ ଥାନା ଓ କମିଶନରେଟ ପୋଲିସ କାର୍ଯ୍ୟାଳୟରୁ ଆସିଥିବା ଦୁଇଟି ଯାକ ରସିଦରେ ଭିନ୍ନଭିନ୍ନ ଜରିମାନା ରାଶି ଉଲ୍ଲେଖ ରହିଛି। ପୋଲିସ କର୍ମଚାରୀମାନେ ସରକାରୀ ରସିଦକୁ ନେଇ କିଛି କାରସାଦି କରୁଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି।




କଟକ ପ୍ରଫେସରପଡ଼ା ଓ ବାଦାମବାଡ଼ି ରାସ୍ତାରେ ଜମି ରହିଥିବା ବର୍ଷା ପାଣି।

# ବର୍ଷା: ଦୁଇଦିନରେ କଟକ ଅବସ୍ଥା ସଙ୍ଗିନ

**କଟକ ଅଫିସ,୨।୧୦**

ଗତ ଦୁଇଦିନ ଧରି ଲଘୁଚାପ ବର୍ଷାରେ କଟକ ସହରର ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଡ୍ରେନଗୁଡିକ ଜାମ୍ ହୋଇପଡିଥିବାରୁ ବର୍ଷାଜଳ ଠିକ ଭାବେ ନିଷ୍କାସନ ହୋଇ ନ ପାରି ରାସ୍ତାକୁ ଉଦ୍‌ବୃତ୍ତ ହୋଇଆସିବା ସହ କେତେଜଣଙ୍କ ଘରେ ପଶିଥିଲା। ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିବାରୁ ଲୋକେ ଯାତାୟାତ ଲାଗି ହଇରାଣ ହୋଇଛନ୍ତି। ଖଟବିନ ସାହି, ମହମ୍ମଦିଆ ବଜାର, ରାଣୀହାଟ, ରାଜାବଗିଚା ଲେବର କଲୋନୀ, ଅରୁଣୋଦୟ ନଗର ଆଦି ସ୍ଥାନରେ ଏକପ୍ରକାର ଜଳବନ୍ଦୀ ଅବସ୍ଥା ଦେଖିବାକୁ ମିଳିଛି। ଶୁକ୍ରବାର ବର୍ଷାରେ ସିଡିଏ ଅଞ୍ଚଳରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୋଇଛି। ପୂର୍ବରୁ ଡ୍ରେନ ଜାମ ଥିବା ନେଇ ଅଞ୍ଚଳବାସୀ ସିଏମ୍‌ସିରେ ଅଭିଯୋଗ କରିଥିଲେ। ମାତ୍ର କର୍ତ୍ତୃପକ୍ଷ ଏହା ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ କହି ଚୁପ ବସିପଡ଼ିଥିଲା। ଏବେ ଏଭଳି ସମସ୍ୟା ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୀର୍ଘବର୍ଷ ଧରି ସହରକୁ ଜଳବନ୍ଦୀ ସମସ୍ୟାକୁ ଦୂର କରିବା ପାଇଁ ଜାଇକା କାମ ଚାଲିଛି ଯେ କେବେ ଶେଷ ହେବ ତାହା ବୁଝାପଡୁନାହିଁ। ସେହିପରି ଡ୍ରେନଗୁଡ଼ିକ ସଫେଇ କରାଯାଇ ନ ଥିବାରୁ ଏବେ ଲୋକେ ପରିଣାମ ଭୋଗୁଛନ୍ତି ବୋଲି ସହରର କେତେଜଣ ବ୍ୟକ୍ତି କହିଛନ୍ତି।

# ବିଦ୍ୟୁତ୍ ସବ୍‌ଷ୍ଟେଶନ କାର୍ଯ୍ୟକାରୀ ଦାବିରେ ରାସ୍ତାରୋକୋ

**ନରସିଂହପୁର,୨।୧୦(ଡି.ଏନ.ଏ.)**



ନରସିଂହପୁରଠାରେ ଦେଢ଼ ବର୍ଷ ହେବ ନିର୍ମାଣ ହୋଇଥିବା ୩୩/୧୧ କେଭି ବିଦ୍ୟୁତ୍ ସବଷ୍ଟେଶନ କାର୍ଯ୍ୟକାରୀ ହେଉ ନ ଥିବାରୁ ବ୍ଲକର ଯୋଡମୁଁ ପ୍ରଗଣା ଅଞ୍ଚଳର ୭ଟି ଗ୍ରାମ ପଞ୍ଚାୟତର ବାସିନ୍ଦା ଉପଯୁକ୍ତ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ତୁରନ୍ତ ବିଦ୍ୟୁତ୍ ସବ୍‌ଷ୍ଟେଶନ କାର୍ଯ୍ୟକାରୀ ଦାବିରେ ୧୬ ନଂ. ଜିଲା ପରିଷଦ ଜୋନ୍ ଭାଜପା ଶାଖା ପକ୍ଷରୁ ଶୁକ୍ରବାର ସବ୍‌ଷ୍ଟେଶନ ମୁଖ୍ୟ ଫାଟକ ଆଗରେ ଧାରଣା ଦିଆଯିବା ସହ ରାସ୍ତାରୋକୋ କରାଯାଇଥିଲା। ଜୋନ୍ ଭାଜପା ସଭାପତି ବିଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ଆୟୋଜିତ ଆନ୍ଦୋଳନରେ ବିଜୟ ଦଳବେହେରା, ଜିଲା ପରିଷଦ ସଭ୍ୟା ଜାହ୍ନବୀ ପ୍ରଧାନ, ମୋହନ ପ୍ରଧାନ, ପ୍ରଣବ ପୁହାଣ, ବିରଞ୍ଚି ନାରାୟଣ ସାହୁ, ଅରୁଣ କୁମାର ରଣା, ଧୀରେନ କୁମାର ଭୋଇ ପ୍ରମୁଖ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ଏସ୍‌ଡିଓ ନିଗମ ପ୍ରଧାନ ପାଠୀ ଓ ଯନ୍ତ୍ରୀ କାଶୀନାଥ ବାରିକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ସହ ସବ୍‌ଷ୍ଟେଶନକୁ କର୍ଯ୍ୟକାରୀ କରିଥିଲେ। ଅନ୍ୟ ସମସ୍ୟା ୧୫ ଦିନ ମଧରେ ସମାଧାନ କରି ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## କୃଷି ଆଇନ ପ୍ରତ୍ୟାହାର ଦାବି

### ଧାରଣା, ପଦଯାତ୍ରା ଆରମ୍ଭ

**କଟକ ଅଫିସ,୨।୧୦:** କୃଷି ଆଇନ ବିରୋଧରେ ଶୁକ୍ରବାର କଟକ ନଗର ଓ କଟକ ଜିଲା କଂଗ୍ରେସ ପକ୍ଷରୁ ମିଳିତ ଭାବେ ଗୌରୀଶଙ୍କର ପାର୍କଠାରେ ପ୍ରତୀକ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗୁରୁପଦ ନନ୍ଦ ପୌରୋହିତ୍ୟ କରିଥିଲେ। କେନ୍ଦ୍ର ସରକାର ଆଲୋଚନା ବିନା କୃଷି ବିଧେୟକ ପାରିତ କରି ଦେଶର ସମ୍ବିଧାନ ଓ ଗଣତନ୍ତ୍ରକୁ ହତ୍ୟା କରିଛନ୍ତି ବୋଲି ବିଧାୟକ ମହମ୍ମଦ ମୋକିମ କହି ନିନ୍ଦା କରିଥିଲେ। କୃଷି ଆଇନ ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ଦେବାଶିଷ ପଟ୍ଟନାୟକ, ଜଗଦୀଶ ମହାନ୍ତି, ରବୀନ୍ଦ୍ରନାଥ କର ପ୍ରମୁଖ ଆହ୍ୱାନ ଦେଇଥିଲେ।

# ଟସର ସିଲ୍କ ୟାର୍ନ ପ୍ରଡକ୍ସନ ସେଣ୍ଟରର ଶିଳାନ୍ୟାସ

**ଚୌଦ୍ୱାର,୨।୧୦(ଡି.ଏନ୍.ଏ.)**

### ଲୋକଙ୍କ କ୍ରୟ ଶକ୍ତି ଉପରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କ ଗୁରୁତ୍ୱ




ଚୌଦ୍ୱାର ଗୋପାଳପୁର ଶିଳ୍ପାଞ୍ଚଳରେ ଥିବା ଖଦି ଓ ଗ୍ରାମୋଦ୍ୟୋଗର ବନ୍ଦ ପଡିଥିବା ଏକ କାରଖାନାରେ ପ୍ରତିଷ୍ଠା ପାଇବାକୁ ଥିବା ଟସର ସିଲ୍କ ୟାର୍ନ ପ୍ରଡକ୍ସନ ସେଣ୍ଟରର ଶିଳାନ୍ୟାସ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଖଦି ବୋର୍ଡ ନିର୍ଦ୍ଦେଶକ ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ ନୂଆପାଟଣା, ଗଡିରାଉତପାଟଣା ଓ ଚୌଦ୍ୱାର କେନ୍ଦ୍ରଗୁଡିକରେ ପ୍ରତିଷ୍ଠା ହେବାକୁ ଥିବା ପ୍ରକଳ୍ପଗୁଡିକର ଶିଳାନ୍ୟାସ ଉଦ୍‌ଘାଟନ କରିଥିଲେ। ଏ ନେଇ ସେ କହିଥିଲେ ଯେ, ବଡ଼ବଡ଼ ଶିଳ୍ପ ପ୍ରତିଷ୍ଠା ହେଲେ କୋଟିପତି ତିଆରି ହୋଇପାରନ୍ତି କିନ୍ତୁ ଲୋକଙ୍କର ଆର୍ଥିକ ସମସ୍ୟାର ସମାଧାନ ହୋଇପାରିବ ନାହିଁ, ଲୋକଙ୍କର କ୍ରୟ ଶକ୍ତି ନ ବଢିବା ପର୍ଯ୍ୟନ୍ତ ଦେଶ ଉନ୍ନତି କରିପାରିବ ନାହିଁ ବୋଲି କହିଛନ୍ତି। ଏହି ଅବସରରେ କେନ୍ଦ୍ରୀୟ ଖଦି ବୋର୍ଡ ଅଧ୍ୟକ୍ଷ ତଥା କମିଶନର ଭି.କେ.ସକ୍‌ସେନା ଭର୍ଚୁଆଲ ଆଡ୍ରେସ ମାଧ୍ୟମରେ ଆଗାମୀ ୩ମାସ ଭିତରେ ପ୍ରାୟ ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରତିଷ୍ଠା ହେବାକୁ ଥିବା ଟସର ସିଲ୍କ ୟାର୍ନ ପ୍ରକଳ୍ପରେ ପ୍ରଥମ ପର୍ଯ୍ୟାୟରେ ୩୦ଜଣ କର୍ମନିଯୁକ୍ତିର ସୁଯୋଗ ପାଇବା ସହ ଏଠାରେ ଉତ୍ପାଦିତ ଟସର ଯୋଗୁ ରାଜ୍ୟରେ ସିଲ୍କ ଶାଢ଼ି ଉତ୍ପାଦନ ପାଇଁ କଞ୍ଚାମାଲର ଅଭାବ ରହିବ ନାହିଁ ବୋଲି ସୂଚନା ଦେଇଛନ୍ତି। ଏହାସହ ହସ୍ତତନ୍ତ ମାଧ୍ୟମରେ ପ୍ରସ୍ତୁତ ସାମଗ୍ରୀର ଷ୍ଟଲଗୁଡ଼ିକୁ ମନ୍ତ୍ରୀ ବୁଲି ଦେଖିଥିଲେ। ମନ୍ତ୍ରୀଙ୍କ ସହ ଉପଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ସାମାଜିକ କର୍ମୀ ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବଡୁ ପ୍ରମୁଖ ସାମିଲ ଥିଲେ। ଆଦର୍ଶ ଖଦି ଉତ୍ପାଦକ ସଂଘ ସଭାପତି ଜୟକୃଷ୍ଣ ଭୋଇ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ଜାନୁୟାରୀ ୯ରେ ମନ୍ତ୍ରୀ ଷଡ଼ଙ୍ଗୀ ଚୌଦ୍ୱାର ଗୋପାଳପୁରରେ ଥିବା ୬ ଏକର ପରିମିତ ଜାଗା ଉପରେ ପ୍ରତିଷ୍ଠିତ ଏହି ଶିଳ୍ପ ଅନୁଷ୍ଠାନ ବୁଲି ଦେଖିବା ସହ ଏହାର ଭିତ୍ତିଭୂମି ଉପରେ ଏକ ବିକଳ୍ପ ଶିଳ୍ପ ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ମୁକୁଳା ଡ୍ରେନ୍‌ରେ ପଡ଼ି ନାବାଳକ ମୃତ

**ଭୁବନେଶ୍ୱର,୨।୧୦(ବ୍ୟୁରୋ):**

ମଞ୍ଚେଶ୍ୱର ଥାନା ଅଧୀନ ବାଲିଆପଟା ବସ୍ତିରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ୬ବର୍ଷର ବାଳକ ଘର ନିକଟରେ ଖେଳୁଥିବା ବେଳେ ଅସାବଧାନତା କାରଣରୁ ଡ୍ରେନରେ ପଡ଼ି ମୃତ୍ୟୁବରଣ କରିଛି। ସେ ହେଲେ ଗଞ୍ଜାମ ଜିଲାର ଭି ନରସିଂହାଙ୍କ ପୁଅ ଭି. ଶିବ। ଶିବଙ୍କ ମୃତ୍ୟୁ ପରେ ମୁକୁଳା ଡ୍ରେନକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ ଚଳାଇଛି। ସୂଚନା ମୁତାବକ, ନରସିଂହା ପରିବାର ସହ ଦୀର୍ଘଦିନ ହେବ ବାଲିଆପଟା ବସ୍ତିରେ ରହୁଥିବା ବେଳ ଦିନ ମଜୁରିଆ କାମ କରି ପରିବାର ଚଳାନ୍ତି। ଶୁକ୍ରବାର ମଧ୍ୟାହ୍ନରେ ପୁଅ ଘର ଆଗରେ ସାଙ୍ଗମାନଙ୍କ ସହ ଖେଳୁଥିବାବେଳେ ଅସାବଧାନତାବଶତଃ ନିୟନ୍ତ୍ରଣ ହରାଇ ମୁକୁଳା ଡ୍ରେନରେ ଖସିପଡ଼ିଥିଲା। ଖବରପାଇ ପରିବାର ଲୋକେ ଶିବଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶିବାଙ୍କ ଏଭଳି ଅକସ୍ମାତ ମୃତ୍ୟୁକୁ ନେଇ ବସ୍ତିରେ ଶୋକରଛାୟା ଖେଳିଯାଇଛି।

## ସମୁଦ୍ରରେ ଭାସିଯିବାବେଳେ ୨ପର୍ଯ୍ୟଟକ ଉଦ୍ଧାର

**ପୁରୀ ଅଫିସ,୨।୧୦**

ଅନ୍‌ଲକ୍-୫ ପରେ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଖୋଲି ନ ଥିଲେ ମଧ୍ୟ ବେଳାଭୂମିକୁ ପର୍ଯ୍ୟଟକ ବୁଲିଆସୁଛନ୍ତି। ଶୁକ୍ରବାର ପୁରୀ ସମୁଦ୍ରରେ ସ୍ନାନ କରୁଥିବାବେଳେ ୨ଜଣ ପର୍ଯ୍ୟଟକ ଭାସିଯାଉଥିଲେ। ସେମାନଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରିଛନ୍ତି। ଲାଇଫ୍‌ଗାର୍ଡ ଅଧିକାରୀ ଧନଞ୍ଜୟ ମଲ୍ଲିକ କହିଛନ୍ତି, ଅପରାହ୍ନ ପ୍ରାୟ ୨ଟା ୧୫ରେ ଦିଗ୍‌ବାରିଣୀ ଛକ ସମ୍ମୁଖ ସମୁଦ୍ରରେ କେତେଜଣ ପର୍ଯ୍ୟଟକ ଗାଧୋଉଥିଲେ। ଏହି ସମୟରେ ଭୁବନେଶ୍ୱର ସାମନ୍ତରାପୁରର ପଦ୍ମନାଭ ସେନାପତି ଓ ପଦ୍ମଲୋଚନ ସେନାପତି ଭାସିଯାଉଥିଲେ। ଏହା ଦେଖି ୨ଜଣ ଲାଇଫ୍‌ଗାର୍ଡ ସମୁଦ୍ରକୁ ପଶି ସେମାନଙ୍କୁ ଉଦ୍ଧାର କରିଥିଲେ।

## ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଗାନ୍ଧୀ ଜୟନ୍ତୀ

**ନରାଜ,୨।୧୦(ଡି.ଏନ.ଏ.)**

କଟକ ଜିଲା ମୁଣ୍ଡଳୀସ୍ଥିତ ୩ୟ ବାହିନୀ ଏନ୍‌ଡିଆରଏଫ୍ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଗଣଦୌଡ଼, ଚାରାରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିନିୟର କମାଣ୍ଡାଣ୍ଟ ଯାକବ୍ କିସ୍‌ପୋଟାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନରାଜସ୍ଥିତ ସମ୍ପଓରାୟ ବରିଷ୍ଠ ଜରାଶ୍ରମକୁ ୧୫ ଚେୟାର, ୨ ଟିପୟ ଓ ସମସ୍ତ ଅନ୍ତେବାସୀଙ୍କୁ ବିସ୍କୁଟ ପ୍ରଦାନ କରାଯାଇଛି। ଆସିଷ୍ଟାଣ୍ଟ କମାଡାଣ୍ଟ ଜିଏସ ପଟେଲ, କେକେ ପଟ୍ଟନାୟକ, ସୁରଜିତ ସିଂ, ଇନ୍ସପେକ୍ଟର ପିକେ ମିଶ୍ର, ଡିକେ ପାଣ୍ଡେ ପ୍ରମୁଖ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଗାନ୍ଧୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।

## ଖୋର୍ଦ୍ଧା ସହରରେ ଆଜିଠୁ ଗଡ଼ିବ ସ୍ୱଚ୍ଛରଥ

**ଖୋର୍ଦ୍ଧା ଅଫିସ,୨।୧୦:** ଖୋର୍ଦ୍ଧା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ସ୍ୱଚ୍ଛରଥ ଅଭିଯାନ। ଶୁକ୍ରବାର ଗାନ୍ଧୀ ଜୟନ୍ତୀ ଅବସରରେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଏବଂ ଜିଲାପାଳ ସନତ୍ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଶନିବାରଠାରୁ ଏହି ରଥ ସହରରେ ଘର ବୁଲି ଆବର୍ଜନା ସଂଗ୍ରହ କରିବ। ଡ୍ରାଇଭରଭାବେ ମହିଳାଙ୍କୁ ନିୟୋଜିତ କରାଯାଇଛି। ଅଳିଆ ଉଠାଇବା ଲାଗି ପ୍ରଥମ ପର୍ଯ୍ୟାୟରେ ୬ଟି ବ୍ୟାଟେରି ଚାଳିତ ଯାନ ଆସିଛି। ପ୍ରତ୍ୟେକ ୱାର୍ଡ ଲାଗି ନିୟୋଜିତ ସ୍ୱଚ୍ଛ ୱାର୍ଡ ସାଥୀ ଏହି କାର୍ଯ୍ୟର ତଦାରଖ କରିବେ। ପରବର୍ତ୍ତୀ ସମୟରେ ଅଧିକ ଗାଡ଼ି ନିୟୋଜିତ ହେବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି।

**ଜିଲ୍ଲା ସ୍ତରୀୟ ନିଯୁକ୍ତି**
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ/ପ୍ରାର୍ଥୀନି ଆବଶ୍ୟକ ।
Qualification : 9th, 10th, +2, +3, ITI and Diploma.
Salary : Upto 30,000/-
Age : 18-35 years.
9668051710

**WANTED**
Financialy sound DISTRIBUTOR for Odisha. All district by a TV and Home Appliance Compnay. Urgent response.
Call: 9938895656
8249964640

**APPOINTMENT**
Required Female candidate for HEALTH CENTER with English speaking & Computer knowledge.
Plot No.17, Bhimatangi
Contact: 9668814120

**PANCHAYAT SAMITI OFFICE, TALCHER**
No.2519/ Dt.28.09.2020
**CORRIGENDUM**
In connection with Tender Call Notice No.-TAL-01/2020-21/dt.07.09.2020, as per the decision of Tender Committee, the sale of bid document is hereby extended till 15.10.2020 and the bid documents will be received upto 20.10.2020 (5 P.M.) through Speed Post / Regd. Post only. Tender paper will be opened i.e. on dt.21.10.2020 at 10.30 A.M. The other term & condition will be remained unchanged. Any mistake will be rectified by the tender committee.
Sd./- Block Development Officer
Talcher

**DISTRICT PROJECT OFFICE**
**RTE-SAMAGRA SHIKSHA, JAJPUR**
**TENDER CALL NOTICE No. 1769/ Dt. 28.09.2020**
**No. n-22:-** Sealed tenders under two bid system are invited from the Authorised eligible manufacturing company / dealer having valid PAN/GST registration certificate for supply of **Godrej make** furniture i.e. Chairs, Tables and Almirahs. The quotation will be received up to **5 P.M.** on **15.10.2020** and will be opened on **16.10.2020** at **11 A.M.** in presence of the quotationers or their authorized representatives in the O/o the DPC, SS, Jajpur.
The detail tender call notice along with all other terms and conditions can be downloaded from the district website www.Jajpur.nic.in
*By order of Collector-cum-Chariman, RTE-SS, Jajpur*
**Sd./- District Project Coordinator, RTE-SS, Jajpur**
OIPR-27047/11/0001/2021

## ଅପହୃତା ପାଟିକା ଉଦ୍ଧାର

ନିମାପଡ଼ା,(ଡି.ଏନ୍.ଏ.)- ନିମାପଡ଼ା ଥାନାଞ୍ଚଳର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ପାଟିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରିବା ସହ ସ୍ଥାନୀୟ ଅଞ୍ଚଳରୁ ପାଟିକାଙ୍କୁ ଉଦ୍ଧାର କରିଛି। ଏହାସହ ସମ୍ପୃକ୍ତ ଜଣେ ପ୍ରଧାନଶିକ୍ଷକଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ପ୍ରଧାନଶିକ୍ଷକ ଜଣଙ୍କ ନିମାପଡ଼ା ଅଞ୍ଚଳରେ ଏକ ଘର ଭଡ଼ା ନେଇ ପାଟିକାଙ୍କୁ ୩ ଦିନ ଧରି ତାଙ୍କ ଘରେ ରଖିଥିବା ତଦନ୍ତରୁ ଜଣାପଡ଼ିଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରାଙ୍କୁ ପଚାରିବାରେ ମୋ ପାଖରେ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ। ଅଭିଯୋଗ ମିଳିଲେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ମହାତ୍ମା ଗାନ୍ଧୀଙ୍କ ୧୫୧ତମ ଜୟନ୍ତୀ ଅବସରରେ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।



ବିଧାନସଭା ପରିସରରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଓ ଅନ୍ୟମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

## ସଂକ୍ଷେପରେ

### ପୂର୍ବଭଳି ଆଇଡିଏଚ୍‌ରେ ମିଳିବ ସେବା

**ପୁରୀ ଅଫିସ, ୨୧୦:** କରୋନା ମହାମାରୀର ମୁକାବିଲା ନିମନ୍ତେ ପୁରୀ ଜିଲା ଯକ୍ଷ୍ମା ଓ ସଂକ୍ରାମକ ରୋଗ ଚିକିତ୍ସାଳୟ (ଟିବି ଆଣ୍ଡ୍ ଆଇଡିଏଚ୍)କୁ କୋଭିଡ୍ ହସ୍‌ପିଟାଲ ରୂପେ ପରିଗଣିତ କରାଯାଇଥିଲା। ଫଳରେ ଏଠାକୁ ଆସୁଥିବା ଅଣକୋଭିଡ୍ ରୋଗୀ ସେବା ପାଇବାରୁ ବଞ୍ଚିତ ହେଉଥିଲେ। ତେବେ ଅନ୍ୟ ରୋଗୀଙ୍କ ଅସୁବିଧାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ପୁନଶ୍ଚ ଏଠାରେ ଯକ୍ଷ୍ମା ଓ ସଂକ୍ରମକ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ଲାଗି ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କ କୋଭିଡ୍ କଟକଣା ପାଳନ କରି ପୁନଶ୍ଚ ଏହି ହସ୍ପିଟାଲକୁ କାର୍ଯ୍ୟକ୍ଷମ କରାଯାଇଛି। ଏଠାରେ ବର୍ହିବିଭାଗ, ଅର୍ନ୍ତବିଭାଗ, ନିଦାନ ବିଭାଗ ଓ ମାଗଣା ଔଷଧ ପ୍ରଦାନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର, ଡା. ଲଲାଟେନ୍ଦୁ ମିଶ୍ର, ଡା. ଉତ୍ପଳ ନନ୍ଦୀ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିରଜାଶଙ୍କର ରଥ, ଟିବି ଆଣ୍ଡ୍ ଆଇଡିଏଚ୍ ଅଧୀକ୍ଷକ ଡା. ଗଣେଶ ଦାଶ ଏବଂ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ପ୍ରସନ୍ନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### କୃଷି ଆଇନ ଚାଷୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲିଦେବ

**ପୁରୀ ଅଫିସ, ୨୧୦:** କୃଷି ଆଇନ ପ୍ରତ୍ୟାହାର ଓ ପୁନର୍ବିଚାର ଦାବିରେ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଗାନ୍ଧୀଘାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦିଆଯାଇଥିଲା। ଏ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପିସିସି ଉପସଭାପତି ତଥା ପୁରୀ ଜିଲା ପର୍ଯ୍ୟବେକ୍ଷକ ଶିବାନନ୍ଦ ରାୟ ଓ ଜିଲା କଂଗ୍ରେସ କମିଟି ସଭାପତି ଅମିୟ କୁମାର ପଟ୍ଟନାୟକ କହିଥିଲେ ଯେ, କେନ୍ଦ୍ର ସରକାର ଏହି ଆଇନ ପ୍ରଣୟନ କରି ଚାଷୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦେଇଛନ୍ତି। ଓଡ଼ିଶାରେ ଚାଷୀ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ପାଉ ନ ଥିବା ବେଳେ କମ୍ପାନୀମାନେ ଫସଲକୁ ହୋର୍ଡିଂ କରି ଲାଭ ଉଠାଇବା ସହ ଶୋଷଣ କରିବେ। ଏହି ଧାରଣାରେ ବିନାୟକ ଦାସ ମହାପାତ୍ର, ଅରୋପ୍ରସାଦ ମିଶ୍ର, ବିଶ୍ୱକେଶନ ହରିଚନ୍ଦନ, ଅଜିତ ମଙ୍ଗରାଜ, ଉମାକାନ୍ତ ବରାଳ, ବିଦ୍ୟୁଲତା ଆଚାର୍ଯ୍ୟ, ପ୍ରସନ୍ନ କୁମାର ପାଇକରାୟ, ବୀରେନ୍ଦ୍ର ଭୂଷଣ ହୋତା, ସଦାନନ୍ଦ ପ୍ରଧାନ, ଗୋପାଳ ଚନ୍ଦ୍ର ଖୁଣ୍ଟିଆଙ୍କ ସମେତ ବହୁ କର୍ମୀ ଓ ଚାଷୀନେତା ସାମିଲ ଥିଲେ।

### ମଦ ଜବତ, ୨ ଗିରଫ

**ପୁରୁଣା ଭୁବନେଶ୍ୱର,୨୧୦(ଡି.ଏନ୍.ଏ.):** ଏୟାରଫିଲ୍ଡ ଥାନା ପୋଲିସ ଓ ଅବକାରୀ ବିଭାଗ ମିଳିତଭାବେ ଗତ ଦୁଇ ଦିନ ମଧ୍ୟରେ ସୁନ୍ଦରପଦାର ତ୍ରିଲୋଚନ ବିହାର ଏବଂ ଓରକଳ ଅଞ୍ଚଳରେ ଚଢ଼ାଉ କରି ୯୦ଲିଟର ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ ଗିରଫ କରିଛି। ସେମାନେ ହେଲେ ଦିଲ୍ଲୀପ ନାୟକ ଓ ଦୀନବନ୍ଧୁ ଜେନା। ଏ ନେଇ ଥାନାରେ ଦୁଇଟି ମାମଲା(୧୯୭/୨୦, ୨୦୧/୨୦)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଦୀପକ ମିଶ୍ର କହିଛନ୍ତି।

### ୭୦ ୟୁନିଟ ରକ୍ତ ସଂଗ୍ରହ

**କଟକ ଅଫିସ,୨୧୦:** ଚୌଧୁରୀ ବଜାରସ୍ଥିତ ମାରୁତି ମଣ୍ଡପରେ 'ଓଡ଼ିଶା ମୋ ପରିବାର' ଏବଂ 'ଜୀବନ ବିନ୍ଦୁ' ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଯୁବ ବିଜେଡିର କଟକ ନଗର ସଭାପତି ମନୋଜିତ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ରାଜଧାନୀ: ଶତକ ଛୁଇଁଲା କରୋନା ମୃତ୍ୟୁ

ଭୁବନେଶ୍ୱର, ୨୧୦ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଶୁକ୍ରବାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୦୦ ଟପିଛି। ଦିନକରେ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ୪ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୭୫ ବର୍ଷୀୟ, ୪୧ବର୍ଷୀୟ, ୪୬ ବର୍ଷୀୟ ଓ ୮୨ ବର୍ଷୀୟ ପୁରୁଷ ଅଛନ୍ତି। ଏମାନେ କରୋନା ସହ ମଧୁମେହ, ଉଚ୍ଚ ରକ୍ତଚାପ ଓ କିଡ୍‌ନୀ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି। ଗତ ସପ୍ତାହକ ମଧ୍ୟରେ ଭୁବନେଶ୍ୱରରୁ ୧୬ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବିଏମ୍‌ସି ପାଇଁ ଦିନକୁ ଦିନ ଅଡୁଆ ବଢୁଥିବା ପରିଲକ୍ଷିତ ହୋଇଛି। ଅପରପକ୍ଷରେ ଦିନକରେ ଭୁବନେଶ୍ୱରରୁ ଆଉ ୩୨୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ଜଣାପଡ଼ିଛି।



### ଆଉ ୩୧୨ ନୂଆ ପଜିଟିଭ୍, ୩୨୯ ସୁସ୍ଥ

ଅନ୍ୟପକ୍ଷରେ ଭୁବନେଶ୍ୱରରୁ ଶୁକ୍ରବାର ୩୧୨ ଜଣ ନୂଆ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୫୮ଜଣ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବାବେଳେ ୨୫୪ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ଏବେ ସହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୨,୫୪୭କୁ ବୃଦ୍ଧିପାଇଛି। ସବୁଠୁ ବଡ଼ କଥା ହେଉଛି, ଦିନକୁ ଦିନ କ୍ୱାରାଣ୍ଟାଇନ୍‌ରୁ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଥିବାବେଳେ ସ୍ଥାନୀୟ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଉଛି।

### ଭୁବନେଶ୍ୱରରେ ଲାଗୁ ହେବ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍

ଭୁବନେଶ୍ୱର, ୨୧୦ (ବ୍ୟୁରୋ)- କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଅକ୍ଟୋବର ମାସ ପାଇଁ ରାଜ୍ୟ ସରକାର ନୂଆ ଗାଇଡ୍‌ଲାଇନ୍ ଆଣିବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ଗାଇଡ୍‌ଲାଇନ୍ ଭୁବନେଶ୍ୱରରେ ଲାଗୁ ହେବ ଓ ବିଏମ୍‌ସି କୌଣସି ନୂଆ ଗାଇଡ୍‌ଲାଇନ୍ କରିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ସହର ପାଇଁ ବିଏମ୍‌ସି ନିଜଆଡ଼ୁ କୌଣସି ପ୍ରତିବନ୍ଧକ କିମ୍ବା କଟକଣା ଜାରି କରି ନ ଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି।

ଗୋଟିଏ ପଟେ କରୋନା ମୁକାବିଲା କରିବାରେ ବିଏମ୍‌ସିର ରଣକୌଶଳ ଠିକ୍‌ଥିବା କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଦର୍ଶାଉଥିବାବେଳେ ସହରର ଚିତ୍ର ବିପରୀତ ଦିଗକୁ ସୂଚାଉଛି। ଏଯାବତ୍ ସହରର ୨୨,୫୪୭ ଜଣ ସଂକ୍ରମଣର ଶିକାର ହୋଇଥିବାବେଳେ ୧୮,୯୧୪ ଜଣ ସୁସ୍ଥ ହୋଇଛନ୍ତି ଓ ଏବେ ମଧ୍ୟ ୩,୫୧୪ ଜଣ ଆକ୍ରାନ୍ତ ସକ୍ରିୟ ରହିଛନ୍ତି। ରାଜ୍ୟରେ ଗଞ୍ଜାମ ଜିଲାରୁ ସର୍ବାଧିକ ୨୨୦ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦ୍ୱିତୀୟ ସ୍ଥାନରେ ଭୁବନେଶ୍ୱର ରହିଛି। ତେବେ ପଜିଟିଭ୍ ସଂଖ୍ୟାରେ ଗଞ୍ଜାମଠୁ ଢ଼େର ଉପରେ ରାଜଧାନୀ ରହିଛି। ଫଳରେ ବିଏମ୍‌ସିର କାର୍ଯ୍ୟଦକ୍ଷତା ଓ କୋଭିଡ୍ ମୁକାବିଲା ଉପରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ରାମଧୂନ୍‌ରେ ଗୁଞ୍ଜରିତ ହେଲା ପରିବେଶ

ଭୁବନେଶ୍ୱର,୨୧୦(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶୁକ୍ରବାର ସଂସ୍କୃତି ଭବନଠାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ପୂର୍ବତନ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସଂସ୍କୃତି ଗବେଷକ ପ୍ରହ୍ଲାଦ ସିଂହ, ବିରୁପାକ୍ଷ ତ୍ରିପାଠୀ, ଅଧ୍ୟାପକ ଅଭିରାମ ବିଶ୍ୱାଳ, ଡ. ବିଶ୍ୱଜିତ, ଆଶାଲତା ଦାସ ପ୍ରମୁଖ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଗାନ୍ଧିଜୀଙ୍କ ପ୍ରିୟ ଭଜନ 'ରଘୁପତି ରାଘବ ରାଜାରାମ' ଗାନ କରାଯାଇଥିଲା। ଏହାପରେ ସଂସ୍କୃତି ବିଭାଗର ଅର୍ଥ ଅନୁଦାନରେ ମୁଦ୍ରିତ ଗାନ୍ଧୀଙ୍କ ବିଚାର, ଆଦର୍ଶ, ଜୀବନୀ ଉପରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଶିଶୁଗୀତିରେ ଗାନ୍ଧୀ, ଦେଶାତ୍ମବୋଧକ ଓଡ଼ିଆ କବିତା, ଇଂଲିଶି କୋଣାର୍କ ସଂଖ୍ୟା-୪ ଓ କଫିଟେବୁଲ୍ ପୁସ୍ତକକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏଥିସହିତ ଉତ୍କଳ ଗାନ୍ଧୀ ସ୍ମାରକନିଧି ଦ୍ୱାରା ପ୍ରକାଶିତ ଗାନ୍ଧୀ ରଚନାବଳୀ ଆତ୍ମକଥା ଅଥବା ସତ୍ୟର ପ୍ରୟୋଗ, ଗାନ୍ଧୀ ରଚନାବଳୀ 'ଦକ୍ଷିଣ ଆଫ୍ରିକା ସତ୍ୟାଗ୍ରହ', ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକଙ୍କ ଦ୍ୱାରା ରଚିତ ପୁସ୍ତକ ଗାନ୍ଧୀ ମାହାତ୍ମ୍ୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପ୍ରକାଶିତ ଏ ଡକ୍ୟୁମେଣ୍ଟାରୀ ହିଷ୍ଟୋରୀ: ଗ୍ରୁପ୍ ଥିଏଟର ଇନ୍ ଓଡ଼ିଶା (୧୯୫୫-୨୦୨୦), ଏକାଡେମୀ ମୁଖପତ୍ର 'ରଙ୍ଗଭୂମି', ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକ କାଖ୍-ଏ-ସୁଖାନ୍ ଓ ଓଡ଼ିଆ ଜବାନ୍ ଓ ଆଦାବ: ଏକ ମୁଲାକାତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିସହିତ 'ବୈଷ୍ଣବ ଜନୋ ତୋ ତେନୁ କହିୟେ' ପରିବେଷଣ କରାଯାଇଥିଲା। ଅପରାହ୍ନ ୩ଟାରେ ୱେବିନାରରେ ଛାତ୍ରୀଛାତ୍ରଙ୍କୁ ଗାନ୍ଧୀ ଆଦର୍ଶ ଓ ଗାନ୍ଧୀ ବିଚାର ସହ ପରିଚିତ କରିବା ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ୫ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

## ରାହୁଲ ଗାନ୍ଧୀଙ୍କୁ ଆକ୍ରମଣ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର/ ପୁରୀ ଅଫିସ/ କଟକ ଅଫିସ, ୨୧୦(ବ୍ୟୁରୋ)

ରାହୁଲ ଗାନ୍ଧୀଙ୍କୁ ଉତ୍ତରପ୍ରଦେଶ ପୋଲିସର ଆକ୍ରମଣ ପ୍ରତିବାଦରେ ସାରା ରାଜ୍ୟରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ କ୍ରମରେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ମାନସ ଚୌଧୁରୀଙ୍କ ନେତୃତ୍ୱରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ଜିଲା କଂଗ୍ରେସ ନେତୃବୃନ୍ଦ ଦଳୀୟ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ମାଷ୍ଟରକ୍ୟାଣ୍ଟିନ ଛକଠାରେ ରାସ୍ତା ଅବରୋଧ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। କଂଗ୍ରେସ ଗଣତନ୍ତ୍ରର କଣ୍ଠରୋଧ ଏବଂ ବଳାତ୍କାର ଓ ହତ୍ୟା ପ୍ରତିବାଦରେ ଦୁର୍ବାର ଆନ୍ଦୋଳନ କରିବ। ଏହି ଘଟଣାରେ ସାଧାରଣ ଜନତା ଭାଜପା ସରକାରକୁ କ୍ଷମା ଦେବେ ନାହିଁ ବୋଲି ମାନସ କହିଛନ୍ତି।



ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ମଧ୍ୟ ବିକ୍ଷୋଭ କରାଯାଇଥିଲା। ଏଥିରେ ଦଳର କର୍ମୀମାନେ ସାମିଲ ହୋଇ ଉତ୍ତର ପ୍ରଦେଶ ସରକାରଙ୍କୁ ଭର୍ତ୍ସନା କରିଥିଲେ। ସେହିପରି ଛାତ୍ର କଂଗ୍ରେସ ରାଜ୍ୟ ସଂଯୋଜକ ନିରଞ୍ଜନ ଦାସଙ୍କ ନେତୃତ୍ୱରେ କଟକ କଲେଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଲେଖ ବେଉରା, ସୁଶାନ୍ତ ସାହାଣୀ, ଦେବାଶିଷ ମହାପାତ୍ର, ବ୍ରଜ ଭୂଷଣ ବେହେରା ପ୍ରମୁଖ ସାମିଲ ଥିଲେ।

## ୭ ମହିଳାଙ୍କୁ କରୋନା ଯୋଦ୍ଧା ସମ୍ମାନ

ଭୁବନେଶ୍ୱର, ୨୧୦(ବ୍ୟୁରୋ)

ବିଚାର ଭାରତୀ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ମହିଳା ଥାନା ପରିସରରେ କରୋନା ମହାମାରୀ ମୁକାବିଲାରେ ଥିବା ଆଗଧାଡ଼ିର କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରାଯାଇଛି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୭ଜଣ ମହିଳାଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଛି। ସେମାନେ ହେଲେ ଡା. କସ୍ତୁରୀ ଦାଶ, ଡା. ସୁଶ୍ରୀ ସଙ୍ଗୀତା ଜେନା, ଭୁବନେଶ୍ୱର ମହିଳା ଥାନାଧିକାରୀ ବନୀତା ମହାରଣା, ସଫେଇ କର୍ମଚାରୀ ଗୋଲାପ ନାୟକ, ମନୋରମା ନାୟକ, ଖବରଦାତା ସତରୂପା ସାମନ୍ତରାୟ ଓ ଅସମାପିକା ସାହୁ। ଏହି ଅବସରରେ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ରାଜ୍ୟ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ନମ୍ରତା ଚଢ଼ା ଅତିଥି ଭାବେ ଯୋଗଦେଇ ମହିଳା କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମ୍ପାଦିକା ପ୍ରୀତିଛନ୍ଦା ଧଳ ଉପସ୍ଥିତ ଥିଲେ।

## 'ରନ୍‌ଦେଭୂ ଓଡିଏମ୍ ଅନ୍‌ଲାଇନ୍ ଫେଷ୍ଟ-୨୦୨୦' ଉଦ୍‌ଘାଟିତ

ଭୁବନେଶ୍ୱର, ୨୧୦(ବ୍ୟୁରୋ)

ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ମହାତ୍ମା ଗାନ୍ଧୀ ଏବଂ ଶାନ୍ତିଦୂତ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଗାନ୍ଧୀ ଏବଂ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଅନ୍‌ଲାଇନ୍ ମାଧ୍ୟମରେ ଯୋଗଦାନ କରିଥିଲେ। ଡ. ମୀନକେତନ ଛାତ୍ରୀଛାତ୍ରଙ୍କୁ ଗାନ୍ଧିଜୀଙ୍କ ନୀତି, ଆଦର୍ଶ, ଦୂରଦୃଷ୍ଟି ଏବଂ ଅହିଂସା ମାର୍ଗକୁ ଅନୁସରଣ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ 'ରନ୍‌ଦେଭୂ ଓଡିଏମ୍ ଅନ୍‌ଲାଇନ୍ ଫେଷ୍ଟ-୨୦୨୦'ର ଉଦ୍‌ଘାଟନ ହୋଇଥିଲା। ୩ଦିନ ଧରି ଚାଲିବାକୁ ଥିବା ଏହି ଫେଷ୍ଟରେ ଅନ୍ତର୍ଜାତୀୟ ସ୍ତରରୁ ବିଭିନ୍ନ ବିଦ୍ୟାଳୟରୁ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗୀମାନେ ୧୦ଟି ବିଭାଗରେ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିବେ। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ସିଓଓ ସ୍ୱୟନ ସତ୍ୟେନ୍ଦୁ ପ୍ରତିଯୋଗୀମାନଙ୍କୁ ଶୁଭ ଆଶୀର୍ବାଦ ପ୍ରଦାନ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ବ୍ରହ୍ମାନନ୍ଦ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉପାଧ୍ୟକ୍ଷା ଝିନୁକ୍ ଦତ୍ତାରାୟ ପ୍ରତିଯୋଗିତାର ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବିଶ୍ୱବିନିତା ସାମଲ ମଞ୍ଚ ପରିଚାଳନା କରିଥିଲେ। ଅଭିଜ୍ଞ ବିଚାରକ ମଣ୍ଡଳୀ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କ ମାନ ନିର୍ଦ୍ଧାରଣ କରି ପୁରସ୍କୃତ କରାଯିବ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ

କଟକ ଅଫିସ,୨୧୦

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ରାଷ୍ଟ୍ରଭାଷା ପ୍ରଚାର ସମିତିରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ସମସ୍ତ ସଦସ୍ୟ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସଭାପତି ବିଜୟ କୁମାର ପଡ଼ିହାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାନ୍ଧୀଜୀଙ୍କ ଜୀବନୀ ଓ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସଭାପତି ଶ୍ରୀନିବାସ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ, ହିମାଂଶୁ ମହାପାତ୍ର, ମନୋଜ ପାଲ, ରଘୁନାଥ ପାଣିଗ୍ରାହୀ, ହାଡ଼ିବନ୍ଧୁ ବେହେରା, ପ୍ରଭାସ ପ୍ରଧାନ, ଅରକ୍ଷିତ ସାହୁ, ମହେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ରାଷ୍ଟ୍ରଭାଷା ପ୍ରଚାର ସମିତିରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ଡେଲାଙ୍ଗରେ ଚୋରି ଗାଡ଼ି ର୍‍ୟାକେଟ ପର୍ଦ୍ଦାଫାଶ

ଡେଲାଙ୍ଗ,୨୧୦(ଡି.ଏନ୍.ଏ.)

ଗତ ଏକ ମାସର ବ୍ୟବଧାନ ପରେ ପୁରୀ ଜିଲା ଡେଲାଙ୍ଗ ପୋଲିସ ପୁଣି ଏକ ଚୋରି ଗାଡ଼ି ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ଏହା ପଛରେ ଥିବା ଏକ ଗ୍ୟାଙ୍ଗର ୬ଜଣ ସଦସ୍ୟଙ୍କୁ ପୋଲିସ ଗିରଫ କରିବା ସହ କୋର୍ଟଚାଲଣ କରିଛି। ସେମାନେ ହେଲେ ନୟାଗଡ ଜିଲାର ପାମ୍ପେଡା ଗ୍ରାମର କାଳୁ ଭୋଇ, ଜଟଣୀ ଥାନା ବେଣାପଞ୍ଜରୀ ଗ୍ରାମର ମହମ୍ମଦ ଅରବାଜ, ଖୋର୍ଦ୍ଧା ବାରଘରପାଟଣା ଗ୍ରାମର ରାକେଶ କାଣ୍ଡି, ଜଙ୍କିଆ ଥାନା ମୁକ୍ତାପୁର ଗ୍ରାମର ଗୋବିନ୍ଦ ଜେନା, ଖୋର୍ଦ୍ଧା ସଦର ଥାନା ଅଞ୍ଚଳର ବରପଡା ଗ୍ରାମର ବିଶ୍ୱଜିତ ଜୟସିଂ ଓ ବେଣାପଞ୍ଜରୀ ଗ୍ରାମର ଅମିରୁଦ୍ଦିନ ଖାନ। ପୋଲିସ ସେମାନଙ୍କଠାରୁ ୪୫ଟି ଚୋରା ବାଇକ୍ ଜବତ କରିବା ସହ ନଂ. ୧୫୩/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏ ନେଇ ଡେଲାଙ୍ଗ ଥାନା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ଡେଲାଙ୍ଗ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ଗୁରୁବାର ଏହି ଥାନା ଅଞ୍ଚଳର କୁଆପଦା ଗ୍ରାମ ନିକଟରେ ଥିବା କୁମୁକା ଜଙ୍ଗଲ ନିକଟରେ କେତେଜଣ ଅପରାଧୀ ଚୋରା ବାଇକ୍ ବିକ୍ରି ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ଡେଲାଙ୍ଗ ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଲାଇକା ମହାରଣା, କନଷ୍ଟେବଳ ପ୍ରଶାନ୍ତ ପ୍ରଧାନ, ଜିତେନ୍ଦ୍ର ସ୍ୱାଇଁ, ହୋମଗାର୍ଡ ପ୍ରମୋଦ ସେଠୀ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ସେଠାରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୧୦ଟି ଚୋରା ବାଇକ ଜବତ କରିଥିଲେ। ପରେ ପୁରୀ ଏସ୍‌ପି ଅଖିଳେଶ୍ୱର ସିଂଙ୍କ ନିର୍ଦ୍ଦେଶ ଅନୁସାରେ ଏସ୍‌ଡିପିଓ ବରାଳ ଓ ଆଇଆଇସି ପଟ୍ଟନାୟକ ସେମାନଙ୍କୁ ଜେରା କରିଥିଲେ। ଫଳରେ ଏକ ବୃହତ ଗାଡ଼ି ଚୋରି ର୍‍ୟାକେଟ ଚାଲିଥିବା ଜଣାପଡ଼ିଥିଲା। ଏହି ର୍‍ୟାକେଟକୁ ଧରିବା ପାଇଁ ୨ଟି ସ୍ୱତନ୍ତ୍ର ଟିମ ପ୍ରସ୍ତୁତ କରାଯାଇଥିଲା। ଗୋଟିଏ ଟିମର ପରିଚାଳକ ଆଇଆଇସି ଥିବାବେଳେ ଅନ୍ୟ ଟିମର ଏସ୍‌ଆଇ ଉପେନ୍ଦ୍ର ନାଥ ଦାସ ପରିଚାଳନା କରୁଥିଲେ। ଏହି ଟିମଗୁଡ଼ିକ ଶୁକ୍ରବାର ୪ ଅଭିଯୁକ୍ତ ଦେଇଥିବା ଠିକଣା ଅନୁସାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆହୁରି ୨ଜଣଙ୍କୁ ଗିରଫ କରିବା ସହ ମୋଟରେ ୪୫ଟି ଚୋରା ବାଇକ୍ ଜବତ କରିଥିଲେ। ଏହିଗାଡ଼ିଗୁଡ଼ିକର ମାଲିକମାନେ ୦୬୭୫୮-୨୪୨୨୨୨ନମ୍ବରରେ ଯୋଗାଯୋଗ କରି ନିଜ ଗାଡି ସମ୍ପର୍କରେ ତଥ୍ୟ ସଂଗ୍ରହ କରିପାରିବେ ବୋଲି ଥାନା ସୂତ୍ରରୁ ପ୍ରକାଶ ପାଇଛି। ପ୍ରକାଶ ଥାଉକି ଅଗଷ୍ଟ ୬ରେ ଡେଲାଙ୍ଗ ପୋଲିସର ଏଭଳି ଏକ ବାଇକ୍ ଲୁଟେରା ଗ୍ୟାଙ୍ଗକୁ ଧରିଥିଲେ। ସେମାନଙ୍କଠାରୁ ୨୫ଟି ଚୋରା ବାଇକ୍ ଜବତ କରିବା ସହ ୪ଜଣଙ୍କୁ ଗିରଫ କରାଯାଇଥିଲା।



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ ଓ ଜବତ ଗାଡ଼ି।

### ୬ ଗିରଫ, ୪୫ ବାଇକ୍ ଜବତ

